**ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ**

ଚମ୍ପୁଆ(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥୀ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଥାନା ଅଧିକାରୀ ତ୍ରିନାଥ ସେଠୀ, ପୂର୍ବତନ ଛାତ୍ର ଇଂ. ଲକ୍ଷ୍ମଣ ବାରିକ, ବିଦ୍ୟାଳୟ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ଉପ ସଭାପତି ସଦାନନ୍ଦ ଦେହୁରୀ, ସମ୍ପାଦକ ଭୋଳାନାଥ ମିଶ୍ର, ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରଦୀପ ପତ୍ରିକାର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ।

## ସଂକ୍ଷେପରେ

### ଶିକ୍ଷାର ଉନ୍ନତ ଭିତ୍ତିଭୂମି ପାଇଁ ସଂସଦ ଅଧିବେଶନରେ ଦାବି ରଖିଲେ ଏମ୍‌ପି

ଭଦ୍ରକ, ୨୨।୧୨(ସନାତନ ରାଉତ/ ରବିନାରାୟଣ ଖିଲାର)–ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନ ଭଦ୍ରକର କେନ୍ଦ୍ରୀୟ ବିଦ୍ୟାଳୟ, ବାଗୁଡି ଜବାହର ନବୋଦୟ ବିଦ୍ୟାଳୟ ଏବଂ ବାସୁଦେବପୁର ଚାନ୍ଦିମାଳରେ ନିମ୍ନ ଭିତ୍ତିଭୂମି ଓ ତାଲିମପ୍ରାପ୍ତ ନିୟମିତ ଶିକ୍ଷକଙ୍କ ଅଭାବ ରହିଛି। ଜାତୀୟସ୍ତର ସହ ସମାନ ଭାବେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ପାଇଁ ୩ ବିଦ୍ୟାଳୟକୁ ଆଧୁନିକ ଓ ଉନ୍ନତ ଶିକ୍ଷା ଯନ୍ତ୍ରପାତି ଏବଂ ପ୍ରଯୁକ୍ତିବିଦ୍ୟା ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନିମନ୍ତେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଗୁରୁବାର ସଂସଦ ଅଧିବେଶନରେ ଦାବି ରଖିଛନ୍ତି। ବିଦ୍ୟାଳୟ ବିଲ୍ଡିଂର ନବୀକରଣ ଓ ନୂତନ ଶ୍ରେଣୀଗୃହ, ଖେଳପଡ଼ିଆର ଉନ୍ନତି ନିମନ୍ତେ ପର୍ଯ୍ୟାପ୍ତ ପାଣ୍ଠି ମଞ୍ଜୁର ଲାଗି ଦାବି ଉପସ୍ଥାପନ କରିଥିଲେ।

### ୧୧ରୁ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ

ନୀଳଗିରି, ୨୨।୧୨(ପ୍ରଶାନ୍ତ ବିଶ୍ୱାଳ)– ଚଳିତବର୍ଷ ଆସନ୍ତା ଜାନୁୟାରୀ ୧୧, ୧୨, ୧୩ ଏବଂ ୧୪ତାରିଖରେ ନିଆରା ଢଙ୍ଗରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କେସି ହାଇସ୍କୁଲ ପଡ଼ିଆରେ ପାଳନ ହେବ। ଏହି ଉପଲକ୍ଷେ ରକ୍ତଦାନ ଶିବିର, ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଏବଂ ସାଧାରଣ ଜ୍ଞାନ, କବାଡ଼ି ପ୍ରତିଯୋଗିତା, ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶୁକ୍ରବାର ନୀଳଗିରି ମହିଳା ବିଦ୍ୟାଳୟରେ ମହୋତ୍ସବ କମିଟି ତରଫରୁ ଇଣ୍ଟର ସ୍କୁଲ, କଲେଜ ମଧ୍ୟରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ନୀଳଗିରି ମହିଳା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କବିତା ପ୍ରଧାନ, ମହୋତ୍ସବ କମିଟି ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ବିଜୟ ଲେଙ୍କା, ଭାସ୍କର ବିଶ୍ୱାଳ, କମଳଲୋଚନ ପଣ୍ଡା ପ୍ରମୁଖ ମହୋତ୍ସବ ସମ୍ପର୍କରେ କହିଥିଲେ। ରମେଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ। କମିଟି ସଦସ୍ୟ ଡମ୍ବରୁଧର ବେହେରା, ଚିନ୍ମୟ ଶରଣ ରାଉତ, ସନ୍ତୋଷ ମହାପାତ୍ର, ଜ୍ୟୋତିନ୍ଦ୍ର କୁମାର ମଲ୍ଲିକ, ମାନସ ଦେବ ଗୋସ୍ୱାମୀ, ନିଗମ ରାଉତ, ପ୍ରତାପ ସେଠୀ, ତପନ ପ୍ରଧାନ, ବିଦ୍ୟାଧର ଖଟୁଆ ଓ କମଳାକାନ୍ତ ମୁଖି ପ୍ରମୁଖ ସହଯୋଗ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବୈଶିଙ୍ଗା,୨୨।୧୨(ରତନ ଦାଶ)– ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ୍ ଗେଟ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୈଶିଙ୍ଗା ଥାନା ଅଧୀନ ନୂଆସାହି ଗ୍ରାମର ଦାଶରଥି ହାଁସଦା(୩୭)। ସୂଚନା ଅନୁଯାୟୀ, ଦାଶରଥି ପ୍ରାଣୀ ଚିକିତ୍ସାଳୟ ଗାଡ଼ିର ଡ୍ରାଇଭର ଭାବେ କାମ କରନ୍ତି। ଗୁରୁବାର ସନ୍ଧ୍ୟାରେ ଗଡ଼ଦେଉଳିଆରୁ ବାଇକ୍ ଯୋଗେ ଗାଁକୁ ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନା ପଠାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବେଆଇନ ବାଲିଘାଟରେ ଖଣି ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

ଧାମନଗର,୨୨।୧୨(ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

■୩ ଜାଗାରେ ଗାତ ଖୋଳି ଚାଲିଗଲେ

■ଅସନ୍ତୋଷ ପ୍ରକାଶ କଲେ ଲୋକେ

ଭଦ୍ରକ ଜିଲା ଧାମନଗର ତହସିଲ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ବୈତରଣୀ ନଦୀରେ ଚାଲିଥିବା ବେଆଇନ ବାଲି ଘାଟରେ ଶୁକ୍ରବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଖଣି ବିଭାଗ ଜିଲା କ୍ଷେତ୍ର ଅଧିକାରୀ ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଏକ ଏନଫୋର୍ସମେଣ୍ଟ ଟିମ୍ ପୂର୍ବାହ୍ନରେ ଆନନ୍ଦପୁରରେ ପହଞ୍ଚି ବାଲିଘାଟର ୩ଟି ସ୍ଥାନ ଉପରେ ଚଢ଼ାଉ କରିଥିଲା। ଧାମନଗର ତହସିଲଦାର ଦୀପକ କୁମାର ଦାସ, ରେଭିନ୍ୟୁ ସୁପରଭାଇଜର ଧନେଶ୍ୱର ମାରାଣ୍ଡି, ସୋଧ ରାଜସ୍ୱ ନିରୀକ୍ଷକ ବୁଲବୁଲ ସିଂହ ଓ ସ୍ଥାନୀୟ ପୋଲିସ ଚଢ଼ାଉରେ ସାମିଲ ଥିଲେ। ଉକ୍ତ ଟିମ୍ ପ୍ରଥମେ ଆନନ୍ଦପୁର–ସିଦ୍ଧେଶ୍ୱର ବୈତରଣୀ ସେତୁ ନିକଟରେ ପହଞ୍ଚି ଆନନ୍ଦପୁର ମୌଜାର କୃଷ୍ଣ ଯେନାଙ୍କ ପାଳରେ ହୋଇଥିବା ପୁରୁଣା ଗଡ଼ା ଓ ତା'ର ପୂର୍ବ ଦିଗରେ ହୋଇଥିବା ଅନ୍ୟ ଏକ ଗଡ଼ାକୁ ଅନୁଧ୍ୟାନ କରିଥିଲେ। ବାଲିଘାଟ ବା ସଇରାତ ଉତ୍ସ ନିଲାମ ନ ଥିବାବେଳେ ଦୁଇଟି ଯାକ ଗଡ଼ା ବେଆଇନ ଭାବେ କରାଯାଇ ବୈତରଣୀ ନଦୀଗର୍ଭରୁ ବାଲି ଉଠାଯାଉଥିଲା। ଏନଫୋର୍ସମେଣ୍ଟ ଟିମ୍ ବୁଲି ଦେଖିବା ପରେ ଜେସିବି ଲଗାଇ ଦୁଇଟି ପ୍ଲଟରେ ହୋଇଥିବା ବାଲିଗୁଳା ଗଡ଼ାକୁ କାଟି ନାଳ କରିଥିଲେ।

ନଦୀବନ୍ଧ ପାଖରେ ଓ ନଦୀ ଗର୍ଭରେ କରାଯାଇଥିବା ଗଡ଼ାକୁ ସମ୍ପୂର୍ଣ୍ଣ ଭାବେ ତାଡ଼ିଦେବାକୁ ସ୍ଥାନୀୟ ଲୋକେ ଦାବି କରୁଥିଲେ। ହେଲେ ଏନ୍‌ଫୋର୍ସମେଣ୍ଟ ଟିମ୍ ଦୁଇଟି ଗଡ଼ାରେ ଗାତ କରିଦେଇଥିଲେ। ପରେ ଏହି ଟିମ୍ ଉଦ୍ଭେଇପୁରସ୍ଥିତ ମଲ୍ଲିମାହାରାଠାରେ ଚାଲିଥିବା ବେଆଇନ ଘାଟରେ ଚଢ଼ାଉ କରିଥିଲେ। ଏଠାରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଭାବଶାଳୀ ନେତା ବାଲି ଉଠାଉଥିବା ଗଡ଼ାରେ ମଧ୍ୟ ଅନୁରୂପ ଭାବେ ନାଳ କରିଦେଇଥିଲେ। ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଏଭଳି କାର୍ଯ୍ୟ ଦେଖି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଦୁଇଟି ଯାକ ଗଡ଼ାକୁ ସମ୍ପୂର୍ଣ୍ଣ ଭାବେ ଖୋଳି ଦେଇଥିଲେ ପୁଣି ଗୋଟିଏ ଗଡ଼ା କରିବାକୁ ସମୟ ଲାଗିଥାନ୍ତା। ଖର୍ଚ୍ଚାନ୍ତ ହୋଇଥାନ୍ତେ। ଏଣୁ ବାଲି ଉଠାଇବା ବନ୍ଦ ରହିଥାନ୍ତା। ହେଲେ ଖଣି ବିଭାଗ ତାହା ନ କରି ଛୋଟ ଛୋଟ ଗାତ କରି ପଳାଇଗଲା। ତେବେ ୩ ଘାଟରେ ଆଗାମୀ ଦିନରେ ୧୪୪ ଧାରା ଜାରି କରାଯିବ ବୋଲି ଖଣି ବିଭାଗ କ୍ଷେତ୍ର ଅଧିକାରୀ ଦାସ କହିଛନ୍ତି।

ପ୍ରକାଶଥାଉ କି, ୩ଟି ସ୍ଥାନରେ ଦୁଇବର୍ଷ ହେଲା ବେଆଇନ ଭାବେ ବାଲି ଉଠା ଚାଲିଛି। ଉଦ୍ଭେଇପୁର ମଲ୍ଲିମାହାରାରେ ବାଲିଘାଟର ନିଲାମ ଅବଧି ରହିଛି। ହେଲେ ଘାଟରୁ ବାଲି ଉଠାଇବା ଲାଗି ପରିବେଶ ବିଭାଗର ଅନୁମତି ନାହିଁ କି ସିଟିଓ ନାହିଁ। ଏହାସତ୍ତ୍ୱେ ନିଲାମଧାରୀ ବେଆଇନ ଭାବେ ବାଲି ଉଠାଉଛନ୍ତି। କିଛିଦିନ ପୂର୍ବେ ସ୍ଥାନୀୟ ଆନନ୍ଦପୁର, ଖଡ଼ିପଦା ଓ ସୋହଡ଼ା ପଞ୍ଚାୟତର ଲୋକେ ତହସିଲଦାରଙ୍କ ସମେତ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ବେଆଇନ ବାଲିଘାଟ ବନ୍ଦ ପାଇଁ ଦାବି କରିଥିଲେ। ୫ ଦିନ ମଧ୍ୟରେ ବେଆଇନ ବାଲିଗୁଳା ବନ୍ଦ ନ ହେଲେ ତହସିଲ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।



ଏନ୍‌ଫୋର୍ସମେଣ୍ଟ ଟିମ୍ ବାଲିଘାଟ ଅନୁଧ୍ୟାନ କରୁଛି।

### ଅଧାରେ ରହିଗଲା ପିକ୍‌ନିକ୍ ମଜା

## ଦୁର୍ଘଟଣାରେ ଗଲା ଜଣଙ୍କ ଜୀବନ, ୫ ଆହତ

ଖଇରା,୨୨।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କବର ଗ୍ରାମରୁ କିଛି ପରିବାର ମଶି ଗୋରଖନାଥ ପିକନିକ ଯାଉଥିବା ବେଳେ ତାଙ୍କର ଏହି ପିକନିକ ମଜା ଅଧାରେ ରହି ଯାଇଛି । ଏହି ଯାତ୍ରୀଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଯୁବକଙ୍କ ନାମ ମନୋଜ କୁମାର ମହାରଣା(୩୩)। ଆହତମାନେ ହେଲେ ଶ୍ରୀଧର ମହାରଣା, ରଶ୍ମିରେଖା ମହାରଣା ଓ ଅନ୍ୟ ୩ ଜଣ ଛୋଟ ପିଲା । ଜଗତସିଂହପୁର ଜିଲାର ପ୍ରସିଦ୍ଧ ଗୋରଖନାଥକୁ ସକାଳେ ପିକନିକରେ ଯାଉଥିବା ବେଳେ କଟକ କନ୍ଦରପୁର ଥାନା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଖବର ପହଞ୍ଚିବା ପରେ କୁପାରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବିଧାୟକ



ବାରିପଦା,୨୨।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ମୟୂରଭଞ୍ଜ ଜିଲାରେ ରେଲୱେର ବିକାଶ ଦାବି**

ମୟୂରଭଞ୍ଜ ଜିଲାରେ ରେଲୱେର ବିକାଶ ନିମନ୍ତେ ବିଧାୟକମାନେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି,ସାରସକଣା ବିଧାୟକ ଡା.ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ଓ ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଦିଲ୍ଲୀସ୍ଥିତ ରେଳମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଜିଲାରେ ରେଲୱେର ବିକାଶ ଓ ରେଳ ଚଳାଚଳ ନେଇ ଆଲୋଚନା କରିଥିଲେ। ସାପ୍ତାହିକ ମେମୁ ଟ୍ରେନକୁ ବାଙ୍ଗିରିପୋଷିରୁ ବାଲେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବା, ବାଙ୍ଗିରିପୋଷିରୁ ଚକୁଳିଆ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରି ଟ୍ରେନ ଚଳାଚଳ କରିବା, କୃଷ୍ଣଚନ୍ଦ୍ରପୁର ରେଳଷ୍ଟେଶନ ନିକଟରେ ଫୁଟ ଓଭର ବ୍ରିଜ ନିର୍ମାଣ, ବାରିପଦା ଭଞ୍ଜପୁର ଷ୍ଟେଶନ ନିକଟସ୍ଥ ଦାମୋଦରପୁର ଜାତୀୟ ରାଜପଥର ଫୁଟ କ୍ରସିଂ ବ୍ରିଜ ନିର୍ମାଣ କରିବାକୁ ବିଧାୟକମାନେ ଦାବି କରିଛନ୍ତି। ଟୋ– ରେଳମନ୍ତ୍ରୀଙ୍କ ସହ ବିଧାୟକମାନେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

**ବିଦ୍ୟାଳୟରେ ଅନିୟମିତତା**

ବୈଶିଙ୍ଗା,୨୨।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବାଛୁରୀପଡ଼ା କ୍ଲଷ୍ଟର ଅନ୍ତର୍ଗତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଅନିୟମିତତା ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)। ସୂଚନା ଅନୁଯାୟୀ, ୨ ତାରିଖରେ ବିଇଓ ବିପ୍ଳବ କୁମାର କର ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେ ପହଞ୍ଚିଲା ବେଳକୁ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ଉପସ୍ଥାନ ଖାତାରେ ତାଙ୍କର କୌଣସି ହସ୍ତାକ୍ଷର ନ ଥିଲା ଏବଂ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ସେ ବ୍ୟାଙ୍କ ଯାଇଥିବା ନେଇ ସୂଚନା ଦେଇଥିଲେ। ସେହିପରି ସେଦିନ ବିଦ୍ୟାଳୟରେ ମାତ୍ର ୬୬ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଥିବାବେଳେ ୧୦୮ ପିଲାଙ୍କର ମଧ୍ୟାହ୍ନଭୋଜନ ଉପସ୍ଥାନ ଦର୍ଶା ଯାଇଥିଲା। ପରେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସ୍ତାବନା ଖାତା, କ୍ୟାସ୍ ବୁକ, ବ୍ୟାଙ୍କ ପାସବୁକ ଓ ମଧ୍ୟାହ୍ନ ଭୋଜନ ସମ୍ବନ୍ଧୀୟ ଜରୁରୀ କାଗଜପତ୍ର ଦେଖାଇବାକୁ କହିଥିଲେ ମଧ୍ୟ ଉପସ୍ଥିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କିଛି ଦେଖାଇ ପାରି ନ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବିଇଓ କର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ବାବଦରେ ବିଇଓ କରଙ୍କୁ ପଚାରିବାରୁ ସେ ଏଭଳି ଅନିୟମିତତା ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରି କରି ଡିସେମ୍ବର ୧୮ ତାରିଖ ସୁଦ୍ଧା ଜବାବ ଦାଖଲ କରିବାପାଇଁ କହିଥିଲେ ମଧ୍ୟ ଅଦ୍ୟାବଧି ସଂପୃକ୍ତ ଶିକ୍ଷୟିତ୍ରୀ କୋଣସି ସନ୍ତୋଷଜନକ ଉତ୍ତର ଦେଇ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ଆଇନ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଦୁର୍ଘଟଣା ପରେ ଆମ୍ବୁଲାନ୍ସ ପାଇପାରିବ ମେସେଜ

**ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୨ ଛାତ୍ରଙ୍କ ପ୍ରତିଭା**

ତିହିଡ଼ି,୨୨।୧୨(ସଞ୍ଜିତ ବଳ)

ବିଭିନ୍ନ ସମୟରେ ଜନଶୂନ୍ୟ ସ୍ଥାନରେ ଦୁର୍ଘଟଣା ଘଟେ। ଯେଉଁ ଖବର ଆମ୍ବୁଲାନ୍ସ କିମ୍ବା ପୋଲିସ ପାଖରେ ପହଞ୍ଚିବାରେ ବିଳମ୍ବ ଘଟିଥାଏ। ଯାହାଦ୍ୱାରା ଧନଜୀବନ ହାନି ଘଟିବାର ଆଶଙ୍କା ଥାଏ। ତେବେ ଦୁର୍ଘଟଣା ଘଟିବା ମାତ୍ରକେ ଆମ୍ବୁଲାନ୍ସ ଓ ଥାନାରେ ମେସେଜ ପହଞ୍ଚି ପାରିବ। ଫଳରେ ମୂଲ୍ୟବାନ ଜୀବନ ରକ୍ଷା ପାଇପାରିବ। ଏପରି ପ୍ରକଳ୍ପ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ଭଦ୍ରକ ଚରମ୍ପାସ୍ଥିତ ହାପିହୋମ୍‌ର ୯ମ ଶ୍ରେଣୀର ୨ ଛାତ୍ର ରୋହନ ଜେନା ଓ ଅମ୍ରିତାଂଶୁ ପଣ୍ଡା। ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ପିଲାଙ୍କ ବିଜ୍ଞାନ କଂଗ୍ରେସରେ ଏହି ପ୍ରକଳ୍ପ ସମେତ ମୋଟ ୧୧୨ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଯୋଜନାରେ ଆୟୋଜିତ ଏହି ପ୍ରଦର୍ଶନୀରେ ମିଲେଟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ନବମ ଶ୍ରେଣୀର ଛାତ୍ର କ୍ଷୀତିଶ ମିଶ୍ର ଓ ୧୦ମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପ୍ରଦର୍ଶନ କରିଥିଲେ। ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି।

ବରେଣ୍ୟ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ପିଲାମାନେ ବୈଜ୍ଞାନିକ ହେବା ପାଇଁ ପ୍ରଦର୍ଶନୀ ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ଅଙ୍କୁର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଇଂ. ଅଭୟ ସୂତାର, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଏଡିଇଓ ଦୀପକ ପାଢ଼ୀ, ମାୟାଧର ସାହୁ, ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ତିହିଡ଼ି ବିଇଓ ଡ. ପ୍ରଫୁଲ୍ଲ କୁମାର ସାହୁ, ବାସୁଦେବପୁର ବିଇଓ ଜଗବନ୍ଧୁ ସାହୁ, ଜିଲା ବିଜ୍ଞାନ ସୁପରଭାଇଜର ସରୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇଥିଲେ। ଅମୂଲ୍ୟ କୁମାର ରାଉତ, ଶଶିଶେଖର କରଶର୍ମା, ସରୋଜ କୁମାର ଦାସ, ଅକ୍ଷୟ ହୋତା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ବିଭିନ୍ନ ବ୍ଲକର ବିଜ୍ଞାନ ସଂଯୋଜକଙ୍କ ସମେତ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ହାପିହୋମ ଛାତ୍ର ରୋହନ ଜେନା ଓ ଅମ୍ରିତାଂଶୁ ପଣ୍ଡାଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

# ମେଲାଣି ନେଲେ ଲକ୍ଷ୍ମୀନାରାୟଣ

ଢେଙ୍କିକୋଟ,୨୨।୧୨ (ନୀଳମଣି ମଣ୍ଡଳ)



କେନ୍ଦୁଝର ଜିଲା ଢେଙ୍କିକୋଟ୍ ଲକ୍ଷ୍ମୀନାରାୟଣ ପୂଜା କମିଟି ତରଫରୁ ୧୪ତମ ବାର୍ଷିକ ଲକ୍ଷ୍ମୀନାରାୟଣ ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମଣ୍ଡପରୁ ପ୍ରଭୁଙ୍କ ମେଢ଼ ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ଢେଙ୍କିକୋଟ ବଜାର, ସାହି, ବସ୍ତି ପରିକ୍ରମା କରାଯାଇଥିଲା। ବସ୍ତିର ମାଆ, ଭଉଣୀମାନେ ପ୍ରଭୁଙ୍କ ଯୁଗଳ ପ୍ରତିମୂର୍ତ୍ତିଙ୍କୁ ବନ୍ଦାପନା କରି ବିଦାୟ ଦେଇଥିଲେ। ଢେଙ୍କାନାଳର ବାଡ଼ି ନାଚ ଦଳ ପାରମ୍ପାରିକ ପୌରାଣିକ ସଙ୍ଗୀତର ତାଳେ ତାଳେ ନାଚ ପରିବେଷଣ କରି ଦର୍ଶକ ଓ ଭକ୍ତଙ୍କ ମନ ମୋହିଥିଲେ। ସନ୍ଧ୍ୟା ୭ ଟା ବେଳେ ପୁଣ୍ୟତୋୟା ସୀତା ନଦୀରେ ପ୍ରଭୁଙ୍କ ଯୁଗଳ ପ୍ରତିମୂର୍ତ୍ତିଙ୍କୁ ବିସର୍ଜନ କରାଯାଇଥିଲା। ଉତ୍ସବରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ଢେଙ୍କିକୋଟ ବିଟ୍ ହାଉସ ଅଧିକାରୀ ସୁରଥ ଚନ୍ଦ୍ର ଦେହୁରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗୁରୁମାଗୁରୁଜୀ ମଣିଷ ତିଆରି କାରଖାନାର ଶିଳ୍ପୀ

ପାଟଣା,୨୨।୧୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟାଳୟ ଷ୍ଟାଡ଼ିୟମରେ ଶୁକ୍ରବାର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶିଶୁମନ୍ଦିରର ପରିଚାଳନା ପରିଷଦ ସଭାପତି ଅରବିନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ଗୁରୁମାଗୁରୁଜୀମାନେ ମଣିଷ ତିଆରି କାରଖାନାର ଶିଳ୍ପୀଭାବେ ଛାତ୍ରୀଛାତ୍ରଙ୍କ ଉନ୍ନତି କଳ୍ପେ ସମର୍ପିତ ହୋଇ ରାଷ୍ଟ୍ର ପାଇଁ ଉତ୍ତମ ନାଗରିକ ସୃଷ୍ଟିରେ ବ୍ରତୀ ରହୁଛନ୍ତି। ମୁଖ୍ୟ ବକ୍ତାଭାବେ କାଦଡ଼ିହା ରଘୁନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା, ସମ୍ମାନିତ ଅତିଥିଭାବେ ପରିଚାଳନା ପରିଷଦ ଉପ ସଭାପତି ମଦନ ମୋହନ ମହାନ୍ତ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଓ ଶିଶୁ ଭାରତୀ ଅଧ୍ୟକ୍ଷ ଏସ୍‌କେ ଅସ୍ମିତା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଗୁରୁଜୀ ଗଣେଶ୍ୱର କର ବିବରଣୀ ପାଠ କରିଥିଲେ। ଉପସଭାପତି ମଦନ ମୋହନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟଙ୍ଗ କବି ଓ ଲେଖକ ଭରତ ଚନ୍ଦ୍ର ସାହୁ, ପୂର୍ବତନ ପରିଚାଳନା କମିଟି ସଦସ୍ୟ ବିଦ୍ୟାଧର ମହାନ୍ତ, ସନାତନ ଦାଶ, ଶାନ୍ତନୁ ସାହୁ, ବିଦ୍ୟାଳୟର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ଲମ୍ବୋଦର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧକ୍ଷ ଲୋକନାଥ ମହାନ୍ତ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟ ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସମେତ କର୍ମଚାରୀମାନେ ପରିଚାଳନା କରିଥିଲେ।



ମଞ୍ଚରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ଓ ଅତିଥିମାନେ।

## ଦୁର୍ଘଟଣାରେ ଟ୍ରାକ୍ଟର ମେକାନିକ୍‌ଙ୍କ ମୃତ୍ୟୁ

କେନ୍ଦୁଝର,୨୨।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥ ସାନଘାଗରା ନିକଟରେ ପିକ୍‌ଅପ୍ ପଛରେ ପିଟି ହୋଇ ଜଣେ ବାଇକ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଟାଉନ ଥାନା ଅନ୍ତର୍ଗତ ପୁରୁଣାବଜାର ସମାଧି ସାହିର କାନ୍ଦରା ମୁଣ୍ଡା(୩୦)। ସେ ପାଟଣା ମହେନ୍ଦ୍ରା ଟ୍ରାକ୍ଟର ସୋରୁମ୍‌ରେ ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସୋରୁମ ପକ୍ଷରୁ ତେଲକୋଇ ନିକଟ ଖୁଣ୍ଟାପଡ଼ା ଅଞ୍ଚଳକୁ ଟ୍ରାକ୍ଟର ମରାମତି କରିବାକୁ ଯାଇଥିଲେ। ସେଠାରୁ ବାଇକ ଯୋଗେ ଫେରୁଥିବାବେଳେ ସାନଘାଗରା ନିକଟରେ ବ୍ରେକ୍ ଡାଉନ ହୋଇ ଛିଡ଼ା ହୋଇଥିବା ପିକ୍‌ଅପ୍ (ଓ ଆର ୦୯–ଏଚ–୪୦୪୮) ପଛପଟେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ଏକ ମାମଲା(ନଂ. ୪୮୭/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇତଦନ୍ତ ଚାଲିଥିବା ଶୁଆକାଟି ଫାଣ୍ଡି ଅଧିକାରୀ ସରୋଜ ମୁଦୁଲି କହିଛନ୍ତି।

# ବିଜେଡିରେ ଅନ୍ୟ ଦଳର ନେତା, କର୍ମୀ

ବାଲେଶ୍ୱର, ୨୨।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ କଇନଗରୀ ଗ୍ରାମ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ଦଳୀୟ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କଇନଗରୀ ପଞ୍ଚାୟତର ଶତାଧିକ ପରିବାର ଅନ୍ୟ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ଉପସ୍ଥିତିରେ ଡୁବୁଲିଆ ଗ୍ରାମ ୧୦, ୧୧ ଓ ୧୨ ନମ୍ବର ୱାର୍ଡର୍ ସଂଖ୍ୟାଧିକ ଅନ୍ୟ ଦଳର ସଦସ୍ୟାସଦସ୍ୟ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଜେନା ସେମାନଙ୍କୁ ଦଳକୁ ସ୍ୱାଗତ କରିବା ସହ ତୃଣମୂଳସ୍ତରରୁ ଦଳକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣ ପର୍ବରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ଜିଲା ବିଜେଡ଼ି ଉପସଭାପତି ସୁବ୍ରତ ପଣ୍ଡା, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ଅଞ୍ଜନ ଦଣ୍ଡପାଟ, କଇନଗରୀ ପଞ୍ଚାୟତ ବିଜେଡ଼ି ସଭାପତି କିଶାରାମ ସି, ସାହାଡା ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ଦାସ, ସାହାଡ଼ା ସରପଞ୍ଚ ପ୍ରତିନିଧି ଜଗବନ୍ଧୁ ବର, ଇଡ଼ିଦା ସରପଞ୍ଚ ପ୍ରତିନିଧି ଦେବୀ ପ୍ରସାଦ ଭଞ୍ଜ, କଇନଗରୀ ଯୁବ ବିଜେଡ଼ି ସଭାପତି ପ୍ରଦୀପ ସି, ସାହାଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଶିବ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କଇନଗରୀ ପଞ୍ଚାୟତ ବିଜୁ ଜନତା ଦଳର ବରିଷ୍ଠ ନେତା ଅନିରୁଦ୍ଧ ମଣ୍ଡଳ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଯଜ୍ଞେଶ୍ୱର ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶାନ୍ତ ଘଡ଼େଇ, କରୁଣାକର ମହାନ୍ତି, ଅଜୟ ଦାସ, ମକରନ୍ଦ ଦାସ, ନନ୍ଦଗୋପାଳ ମାନ୍ନା, ପଙ୍କଜ ଘଡ଼େଇ, ଅନାଦି ଦାସ, ଅଧୀର ସାମନ୍ତ, ଅକ୍ଷୟ ଭୂୟାଁଙ୍କ ସମେତ ସମସ୍ତ ନେତୃବୃନ୍ଦ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ମିଶ୍ରଣ ପର୍ବରେ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଓ ଅନ୍ୟମାନେ।

### ତାର ବାଡ଼ରେ ଛନ୍ଦିହୋଇ ହରିଣ ମୃତ

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ)- ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଠାକୁରମୁଣ୍ଡା ନିକଟ ପଣସଡ଼ିହା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ଲେମ୍ବୁ ବଗିଚାରେ ଲାଗିଥିବା ତାର ବାଡ଼ରେ ଲାଗି ଯାଇ ଏକ ହରିଣର ମୃତ୍ୟୁ ଘଟିଛି। ଖବରପାଇ ଠାକୁରମୁଣ୍ଡା ବନପାଳ ତପନ କୁମାର ମହାନ୍ତ, ଫରେଷ୍ଟ ଗାର୍ଡ ସୁନୀଲ ସାହୁ, ମନୋଜ ବେହେରା, ଗାୟତ୍ରୀ ମହାନ୍ତ ସମେତ ଅନ୍ୟ ବନ କର୍ମଚାରୀମାନେ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରି ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି। ମୃତ ହରିଣର ଓଜନ ୨୦ କେଜିରୁ ଉର୍ଦ୍ଧ୍ୱ ହେବ ବୋଲି ଜଣା ପଡ଼ିଛି।

ଗୋନାସିକା ମହୋତ୍ସବ ଉଦ୍‌ଯାପିତ

# ଶୀତୁଆ ସନ୍ଧ୍ୟାରେ ଝୁମାଇଲେ ସ୍ୱୟମ, ଅନ୍ତରା

କେନ୍ଦୁଝର,୨୨।୧୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କାଳୀପଡ଼ିଆଠାରେ ଚାଲିଥିବା 'ଗୋନାସିକା କେନ୍ଦୁଝର ମହୋତ୍ସବ' ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୨ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାୟକ, ସମ୍ମାନିତ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ଯୋଗଦେଇଥିଲେ। ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଏବଂ ଅତିରିକ୍ତ ଜିଲାପାଳ


ଉଦ୍‌ଯାପନୀ ଉତ୍ସବ ମଞ୍ଚରେ ଉପସ୍ଥିତ ଅତିଥିମାନେ

ଯଦୁମଣି ମହଲା ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ଆସର ଶୀତୁଆ ସନ୍ଧ୍ୟାରେ

**୨୫ ଯାଏ ପଲ୍ଲିଶ୍ରୀ ମେଳା**

ଦର୍ଶକଙ୍କୁ ଝୁମାଇଥିଲା। ଏଥିସହ କେନ୍ଦୁଝରର ଅନନ୍ୟା ଡ୍ୟାନ୍ସ ଏକାଡେମୀ, ଆଦିମ ସଂସ୍କୃତି, ଶିଷ୍ୟା ଡ୍ୟାନ୍ସ ଏକାଡେମୀ, କଲେକ୍ଟୋରେଟ କଲଚରାଲ କ୍ଲବ, ଏମ୍‌ସ ଡ୍ୟାନ୍ସ ପାର୍ବତୀୟ ସାଂସ୍କୃତିକ କଳା ପରିଷଦ ଏକାଡେମୀ, ଅସନପାଟର ପ୍ରାଚୀନ ଛଉନୃତ୍ୟ, ଶାଳପଡ଼ାର ବିଣାପାଣୀ କଳାନିକେତନର କଳାକାରଙ୍କ କଳା ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା।

## ସଂକ୍ଷେପରେ

### ଜେଏସ୍‌ପି ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା

ଯୋଡ଼ା,୨୨।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝରସ୍ଥିତ ଧବଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀର ସାମାଜିକ ସଂଗଠନ ଜେଏସ୍‌ପି ଫାଉଣ୍ଡେସନ ପକ୍ଷରୁ ନଗଦ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ କମ୍ପାନୀ ପ୍ରୟାସ ଜାରି ରଖିଛି। ଶିକ୍ଷାବର୍ଷ ୨୦୨୨-୨୩ ଦଶମ ଶ୍ରେଣୀରୁ ଶତକଡା ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ୩୨ ଜଣ ଛାତ୍ରୀଛାତ୍ରଙ୍କୁ ନଗଦ ୫ ହଜାର କାରଖାନା ପରିସରରେ ଥିବା ଜେଏସପି ମଲ୍ଟିପ୍ଲେକ୍ସରେ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପ୍ଲାଣ୍ଟ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି, ସମ୍ମାନିତ ଅତିଥିଭାବେ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସଆର୍ ମୁଖ୍ୟ ଭରଜିଲ ଲାକ୍ରା, ଶିକ୍ଷାବିତ୍ ନୀଳାଦ୍ରି ବିହାରୀ ମିଶ୍ର, ଯୋଡ଼ା ବ୍ଲକ୍ ସହକାରୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ ସେଠୀ, ଦେଓଝର ସରପଞ୍ଚ ଧ୍ରୁବ ଚରଣ ନାଏକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ଉନ୍ନତୀ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଜେଏସ୍‌ପି ଫାଉଣ୍ଡେସନ ବିଗତ ୧୨ ବର୍ଷ ଧରି ଉକ୍ତ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ପ୍ରାୟ ୪୦୦ ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହନ ଦେଇ ଆସୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

### ମୁନି ସମାଜ ସଭାକୁ ଅନୁମତି ମିଳିଲାନି
#### କୋର୍ଟରେ ଥିବା ମାମଲା ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ

ଚମ୍ପୁଆ,୨୨।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆଠାରେ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମୁନି ସମାଜର ସଭାକୁ ପୋଲିସ ଅନୁମତି ମିଳିନାହିଁ। ଗୋଷ୍ଠୀ ବିବାଦ ଓ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଉକ୍ତ ସଭାକୁ ଅନୁମତି ଦିଆଯାଇ ନ ଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମୁନି ସମାଜ ପକ୍ଷରୁ ଚମ୍ପୁଆ ନଗର ଭବନଠାରେ ୩ ଦିନ ଡିସେମ୍ବର ୨୬, ୨୭, ୨୮ ରେ ସଭା ପାଇଁ ଚମ୍ପୁଆ ଥାନାରେ ସହାୟତା ଲୋଡ଼ା ଯାଇଥିଲା। ମାତ୍ର ସମାଜର ଅନ୍ୟ ଏକ ଗୋଷ୍ଠୀ ସଭାକୁ ଅନୁମତି ନଦେବାକୁ ଥାନାରେ ଅନୁରୋଧ କରିଥିଲେ। ନିଜକୁ ପ୍ରକୃତ ମୁନି ସମାଜର ସଦସ୍ୟ ବୋଲି ପରିଚୟ ଦେବା ସହ ଆବଶ୍ୟକ କାଗଜ ପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଚମ୍ପୁଆ ଥାନା ଅଧିକାରୀ ପ୍ରକୃତ ସତ୍ୟ ଉନ୍ମୋଚନ ପାଇଁ କାଗଜପତ୍ର ସହ ଚମ୍ପୁଆ ଥାନାରେ ହାଜର ହେବା ପାଇଁ କହିଥିଲେ। ଉଭୟ ଗୋଷ୍ଠୀ ଶୁକ୍ରବାର ହାଜର ହେବା ପରେ ପୋଲିସ ପକ୍ଷରୁ ସ୍ଥାନୀୟ ତହସିଲଦାର ଧର୍ମେନ୍ଦ୍ର ଶତପଥୀ ଓ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ମୁନି ସମାଜ ଗୋଷ୍ଠୀର ମାମଲା ବର୍ତ୍ତମାନ କୋର୍ଟରେ ବିଚାରଧୀନ ଥିବା ଜଣାଯାଇଥିଲା। ଫଳରେ ଉଭୟ ପକ୍ଷଙ୍କୁ ମାମଲା ଶେଷ ନହେବା ପର୍ଯ୍ୟନ୍ତ ଚମ୍ପୁଆରେ କୌଣସି ସଭା କରିବାକୁ ଅନୁମତି ଦିଆଯିବନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉଭୟ ପକ୍ଷ ନିୟମକୁ ମାନିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ୩ ବର୍ଷରେ ରୁଜୁ ହୋଇଛି ୧ଲକ୍ଷ ମାମଲା

**ବିଦ୍ୟୁତ୍ ଚୋରି ବିରୋଧରେ ଟିପିଏନ୍‌ଓଡିଏଲ୍‌ର କଠୋର ଆଭିମୁଖ୍ୟ**

ବାଲେଶ୍ୱର, ୨୨।୧୨ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ ସହ ବିଦ୍ୟୁତ ଚୋରିକୁ ତୃଣମୂଳ ସ୍ତରରୁ ରୋକିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ବିଗତ ୩ବର୍ଷରେ ପ୍ରାୟ ୨୭୦ ମେଗାୱାଟ ବିଜୁଳି ଚୋରିକୁ ଟିପିଏନଓଡିଏଲ ରୋକିବାରେ ସକ୍ଷମ ହେବା ସହ ୧ଲକ୍ଷରୁ ଅଧିକ ମାମଲା ରୁଜୁ କରିଛି। ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ୩୭ହଜାର ୯୩୮ଟି ମାମଲା ରୁଜୁ କରିବା ସହ ୭୩.୨୩ ମେଗାୱାଟ ବିଦ୍ୟୁତ ଚୋରି ରୋକିବାରେ ସକ୍ଷମ ହୋଇଛି। ୨୦୨୨-୨୩ରେ ୩୬, ୪୨୯ଟି ମାମଲା ଦାୟର କରିଥିବା ବେଳେ ୧୦୧.୧୨ ମେଗାୱାଟ ବିଜୁଳି ଚୋରି ରୋକିବାରେ ସକ୍ଷମ ମଧ୍ୟ ହୋଇଛି। ଅନୁରୂପ ଭାବେ ଚଳିତବର୍ଷ ନଭେମ୍ବର ସୁଦ୍ଧା ପାଖାପାଖି ୭୩ ମେଗାୱାଟର ବିଦ୍ୟୁତ ଚୋରି ରୋକିବା ସହ ୨୭ହଜାର ୨୯୬ଟି ମାମଲା ଦାଏର କରାଯାଇଛି। ବିଦ୍ୟୁତ ଚୋରିକୁ ରୋକିବା ପାଇଁ ପ୍ରତି ସେକ୍ସନ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସର୍କଲ କାର୍ଯ୍ୟାଳୟ ଏପରିକି କେନ୍ଦ୍ରୀୟ ଟିମ୍ ଗଠନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବିଦ୍ୟୁତ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଟିପିଏନଓଡିଏଲ୍ ପକ୍ଷରୁ କଠୋର ଆଭିମୁଖ୍ୟ ମଧ୍ୟ ଗ୍ରହଣ କରାଯାଉଥିବା ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ସରିଲା ଉଦଳା ମହୋତ୍ସବ 'ଧୁମୁସା'

ଉଦଳା,୨୨।୧୨(ସନ୍ତୋଷ କୁମାର ବାଛିନୀ)

୩ ଧରି ଚାଲିଥିବା ଉଦଳା ମହୋତ୍ସବ ଧୁମୁସା-୨୦୨୩ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ଏବଂ ଏସ୍‌ପି ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ଏସ୍‌ଡିସି ଚେୟାରମ୍ୟାନ ଡା. ଦେବାଶିଷ ମାରାଣ୍ଡି, ଉଦଳା ବିଧାୟକ ଭାସ୍କର ମଢେଇ, ଭଞ୍ଜସେନାର ସଭାପତି କଳିଙ୍ଗ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମଧୁ-ପ୍ରୀତି ଯୋଡ଼ି(ବେକାରିଆ ଠନୁକ)ଙ୍କ କମେଡି ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା।




ଏହା ସହିତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଏବଂ ସଙ୍ଗୀତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିପାରିଥିଲା। ଶେଷ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ପାଲଟିଥିଲେ ହାସ୍ୟ ଅଭିନେତା ପପୁ ପମ୍‌ପମ୍। ମହୋତ୍ସବ କମିଟିର ସଭାପତି ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ସମେତ ସ୍ଥାନୀୟ ବିଧାୟକ, ପୂର୍ବତନ ବିଧାୟକ, ବରିଷ୍ଠ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରତି ସନ୍ଧ୍ୟାରେ ସମ୍ମାନିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ଖୋର୍ଦ୍ଧା ପାଇକ ଆଖଡ଼ାର କାର୍ଯ୍ୟକ୍ରମ ସମସ୍ତଙ୍କୁ ବେଶ ଆକୃଷ୍ଟ କରିଥିଲା।

# ରାଜସ୍ୱ ସବ୍‌ଡିଭିଜନ ଦାବି ତେଜିଲା

**ତହସିଲ ଅଫିସ୍ ଆଗରେ ଗଣଧାରଣା**

ଚାନ୍ଦବାଲି,୨୨।୧୨(କିଷାନ ପାତ୍ର)

ନୌବାଣିଜ୍ୟ ସହର ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ପାଇଁ ବିଭିନ୍ନ ସମୟରେ ସବ୍‌ଡିଭିଜନ ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ଉପସ୍ଥାପିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟିର ଡାକରାରେ ଶୁକ୍ରବାର ଚାନ୍ଦବାଲି ତହସିଲ ଅଫିସ୍ ଆଗରେ ଗଣଧାରଣା ଆରମ୍ଭ ହୋଇଛି। ୨୪ ତାରିଖ ଯାଏ ଗଣଧାରଣା ଚାଲିବ ବୋଲି କୁହାଯାଇଛି। କମିଟିର ଆବାହକ ସୁଧୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ଚାନ୍ଦବାଲି ବଣିକ ସଂଘ, ବାର୍ ଆସୋସିଏସନ ଏବଂ ବିଭିନ୍ନ ଗଣସଙ୍ଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବୟୋଜ୍ୟେଷ୍ଠ ନେତା ନୁରୁମହମ୍ମଦ ଇସ୍ମାଇଲ, ବ୍ରଜସୁନ୍ଦର ମହାନ୍ତି, ରଘୁନାଥ ସାହୁ, ବିଶ୍ୱକେଶରୀ ମହାନ୍ତି, ମଳୟ ଭୋଇ, ଭାଗୀରଥ ରାଉତ, ସଞ୍ଜୟ ଓଝା, ଟୁନା ଦାସ, ଶୁଭେନ୍ଦୁ ସାହୁ, କାଉନସିଲର ଶୀତକାନ୍ତ ମହାଳିକ, ଜିଲା ପରିଷଦ ସଦସ୍ୟ ପ୍ରିନ୍ସରାକେଶ ନାୟକ, ରଞ୍ଜନ ସାହୁ, ସାମାଜିକ କର୍ମୀ ତାରାପଦ ମହାନ୍ତି, ବ୍ରଜକିଶୋର ପଣ୍ଡା, ସର୍ଫରାଜ ହୁସେନ, ମିଳନ ମହାନ୍ତି, ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ, ବଣିକ ସଂଘର ରାମପ୍ରସାଦ ମୋର, ଗୋପୀରାମ ଅଗ୍ରୱାଲ, ଭାରତ ଭୂଷଣ ରାୟ, ବାର୍ ଆସୋସିଏସନର ଆଇନଜୀବୀ ବିଶ୍ୱଭୂଷଣ ରଣା, ତ୍ରିଲୋଚନ ଦାଶ, ଅଟୋ ସଂଘର ହରିହର ଭୂୟାଁ, ପୀତାମ୍ବର ମହାଳିକ ପ୍ରମୁଖ ଯୋଗ ଦେଇଥିଲେ।

# 'ଇଣ୍ଡିଆ'ର ବିକ୍ଷୋଭ



ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

ଭଦ୍ରକ,୨୨।୧୨(ସନାତନ ରାଉତ)

ସଂସଦରୁ ୧୪୬ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ଅଗଣତାନ୍ତ୍ରିକ ଭାବେ ୩ଟି ବିଲ୍ ଗୃହୀତ କରାଯାଇଥିବା ପ୍ରତିବାଦରେ ବିରୋଧୀ ଦଳ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ଶୁକ୍ରବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ଜିଲା ସଭାପତି ଅଶୋକ ଦାସ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବିଦ୍ୟାଧର ଜେନା, ଦିଗମ୍ବର ଦାସ, ଅମିତାବାଳା ଆଚାର୍ଯ୍ୟ, ସବିତା ଚାନ୍ଦ ଏବଂ ସିପିଆଇ(ଏମ୍) ନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ନାରାୟଣ ଦାଶଙ୍କ ସମେତ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସକାଳେ ବନ୍ତଛକଠାରୁ ଏକ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି କରି ମେଣ୍ଟର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅଫିସ୍ ନିକଟରେ ପହଞ୍ଚିଥିଲେ। ସେଠାରେ ଜିଲା କଂଗ୍ରେସ ସଭାପତିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତାପ ସେଠୀ, ବିକାଶ ନାଥ, ଗିରିଧାରୀ ନାଥ, ଗୟାଧର ସାହୁ, ବ୍ରହ୍ମାନନ୍ଦ ପରିଡ଼ା, ମହେଶ୍ୱର ନାୟକ, ବାମଦେବ ମିଶ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।

## ଦନ୍ତୋର ପ୍ରାଥମିକ ବିଦ୍ୟାଳୟର ଶତାବ୍ଦୀ ସମାରୋହ

ଔପଦା, ୨୨।୧୨(ଧରିତ୍ରୀ ପଣ୍ଡା): ଔପଦା ବ୍ଲକ ଦନ୍ତୋର ପ୍ରାଥମିକ ବିଦ୍ୟାଳୟର ଶତାବ୍ଦୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୮୯୦ ମସିହାରୁ ସ୍ଥାପିତ ହୋଇ ୧୩୭ ବର୍ଷରେ ଏହି ପ୍ରାଥମିକ ବିଦ୍ୟାଳୟ ପହଞ୍ଚିଛି।

ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିପ୍ଲା ପାତ୍ର, ବ୍ଲକସ୍ତରୀୟ ବହୁ ପୁରାତନ ଏହି ପ୍ରାଥମିକ ବିଦ୍ୟାଳୟର ଗାରିମା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ନେତା ଜିତେନ୍ଦ୍ର କୁମାର ବେହେରା ଯେଉଁଦିନ ବିଭିନ୍ନ ପ୍ରକଳ୍ପର ମଞ୍ଜୁର ଅର୍ଥର ପିସି ବ୍ୟବସ୍ଥା ବନ୍ଦ ହୋଇ ସମ୍ପୂର୍ଣ୍ଣ ଅର୍ଥରେ କାମ ହେବ ସମାଜରେ ସେହିଦିନ ସଂସ୍କାର ଆସିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଯୁଧିଷ୍ଠିର କୁଅଁର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମୁନି ସିଂ, ସରପଞ୍ଚ ସୁଭଦ୍ରା ନାୟକ, ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ପରିଚାଳନା କମିଟି ସଭାପତି ଗୋଦାବରୀ ସିଂ ମଞ୍ଚାସୀନ ଥିବା ବେଳେ ଶିକ୍ଷକ କମଳାକାନ୍ତ ପାଣିଗ୍ରାହୀ ଅତିଥି ପରିଚୟ, ପ୍ରାରମ୍ଭିକ ସୂଚନା ମହେନ୍ଦ୍ର ପ୍ରସାଦ ବେହେରା, ସମ୍ପାଦକୀୟ ପାଠ କୈଳାଶ ଚନ୍ଦ୍ର ମଲ୍ଲିକ, ମଞ୍ଚ ପରିଚାଳନା ନିରଞ୍ଜନ ବାରିକ, ପ୍ରାକ୍ତନ ଛାତ୍ର ବସନ୍ତ କୁମାର ଦାସ ମାନପତ୍ର ପଠନ, କୃଷ୍ଣ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା, ଅରୁଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରସ୍ତାବିତ ସ୍ଥାନରେ କୁରୁଡା ନୂତନ ଆର୍‌ଆଇ ଅଫିସ୍ ନିର୍ମାଣ ଦାବି

ବାହାନଗା, ୨୨।୧୨(ଅରୂପ୍ କୁମାର ଦାସ): ବାହାନଗା ବ୍ଲକ କୁରୁଡା ପଞ୍ଚାୟତର ନୂତନ ଆରଆଇ ଅଫିସ୍ ପ୍ରସ୍ତାବିତ ସ୍ଥାନରେ ନିର୍ମାଣ ପାଇଁ ଦାବି ହୋଇଛି। ତେବେ ପ୍ରସ୍ତାବିତ ସ୍ଥାନରେ କରା ନ ଯାଇ ଗ୍ରାମରେ ମଶାଣି ଭାବେ ବ୍ୟବହୃତ ହୋଇଆସୁଥିବା ସ୍ଥାନରେ ଅଫିସ ନିର୍ମାଣ ପାଇଁ ଯୋଜନା କରାଯାଉଥିବାରୁ ୩ଟି ପଞ୍ଚାୟତର ନେତୃବୃନ୍ଦ ଓ କୁରୁଡା ଗ୍ରାମବାସୀ ବିରୋଧ କରିଛନ୍ତି । କୁରୁଡା ଆରଆଇ କାର୍ଯ୍ୟାଳୟ କୁରୁଡା ପଞ୍ଚାୟତ, ଚିତ୍ରଳ ପଞ୍ଚାୟତ ଓ କୁଚିଆକୋଇଲି ପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏହି ୩ ପଞ୍ଚାୟତର ଜନସାଧାରଣଙ୍କ ଯାତାୟାତ ସୁବିଧାକୁ ଲକ୍ଷ୍ୟ କରି ପୂର୍ବତନ ତହସିଲଦାର ସେତେବେଳେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନଙ୍କ ସହିତ ବିଭିନ୍ନ ସ୍ଥାନ ନିରୀକ୍ଷଣ କରି କୁରୁଡା ଗ୍ରାମର ତାମୁଲିଆ ସାହିର ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ଖାତା ନମ୍ବର ୮୮୧ର ପ୍ଲଟ ନମ୍ବର ୩୧୫ରେ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସ୍ଥାନ ୩ଟି ପଞ୍ଚାୟତର କେନ୍ଦ୍ରସ୍ଥଳୀ ଓ ମୁଖ୍ୟ ରାସ୍ତା ନିକଟରେ ଥିବାରୁ ସମସ୍ତ ପ୍ରକାର ଯାନବାହନ ଚଳାଚଳ ପାଇଁ ସୁବିଧା ଅଟେ। ତେବେ ଗ୍ରାମର କେତେକ ସ୍ୱାର୍ଥ ଗୋଷ୍ଠୀର ଲୋକ ଏହାକୁ ବିରୋଧ କରିବା ସହିତ ଗ୍ରାମରେ ଥିବା ୩୩୯୨ ନମ୍ବର ପ୍ଲଟରେ ଶ୍ମଶାନ ଜମିରେ ନୂତନ ଆରଆଇ କାର୍ଯ୍ୟାଳୟ କରିବା ପାଇଁ ପ୍ରଶାସନ ଉପରେ ଚାପ ସୃଷ୍ଟି କରି ମେଶିନ ଦ୍ୱାରା ସମତୁଲ କରାଯାଉଥିବା ବେଳେ ଗ୍ରାମବାସୀ ତାହାକୁ ଦେଖି ବିରୋଧ କରିଥିଲେ । ପରେ ଲୋକ ଓ ଜନପ୍ରତିନିଧିମାନେ ବାଲେଶ୍ୱର ଜିଲାପାଳ, ଉପଜିଲାପାଳ ଓ ବାହାନଗା ତହସିଲଦାରଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟକୁ ବନ୍ଦ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ପୂର୍ବରୁ ତହସିଲିଦାର ଯେଉଁ ମୁଖ୍ୟ ରାସ୍ତାର ୩୧୧୫ ପ୍ଲଟରେ ଘର ନିର୍ମାଣ ନିଷ୍ପତ୍ତି ନେଇଥିଲେ ସେହି ସ୍ଥାନରେ ଆରଆଇ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି। ଏଥିରେ କୁରୁଡା ସରପଞ୍ଚ ମିନତୀ ସେଠୀ, ସମିତିସଭ୍ୟ କମଳାରାଣୀ ଶିଅଳଙ୍କ ସମେତ ଗ୍ରାମବାସୀ ପ୍ରମୁଖ ଅଭିଯୋଗ କରିଛନ୍ତି।

## ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ବଡ଼ସାହି,୨୨।୧୨ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ରୌପ୍ୟ ଜୟନ୍ତୀ ପାଳନ ହେବାକୁ ଯାଉଛି। ସେଥିପାଇଁ ଶୁକ୍ରବାର ପୂର୍ବାହ୍ନରେ ରୌପ୍ୟ ଜୟନ୍ତୀର ଲୋଗୋ ଉନ୍ମୋଚିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଉପାଧ୍ୟକ୍ଷ ରତ୍ନାକର ପୁହାଣ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତବନ୍ଧୁ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଆଶୁକବି ତିର୍ଥେଶ ଚନ୍ଦ୍ର ରାୟମହାଶୟ ଓ ସମ୍ମାନୀତ ଅତିଥି ଭାବେ ରଣଜିତ କୁମାର ଦାସ, ରାଜେନ୍ଦ୍ର କୁମାର ଜେନା, ରତିକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସୁମନ ବେହେରା, ଶୁଭଜିତ ଶୁଭଙ୍କର, ଦୀପକ କୁମାର ମହାନ୍ତ ସ୍କୁଲ ଜୀବନର ଅନୁଭୂତି ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ସୂଚନା ପ୍ରଦାନ କରିଥିଲେ। ଗୁରୁଜୀ କାର୍ତ୍ତିକ ସେଠୀ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚୀ**

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

